# କୃଷି ସୂଚନା ସେବା (ଧାନ)
# ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୬ ମସିହା ଡିସେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଖରାଦିନିଆ ରୁଆ ଧାନ ଚାଷ ନିମନ୍ତେ ଧାନ କିସମ ଯଥା-ସି.ଆର୍.ଧାନ-୬୦୧, IR-୬୪, ଚନ୍ଦନ, ଲଲାଟ, ଉନ୍ନତ ଲଲାଟ, ନବୀନ, MTU-1010, ଶତାବ୍ଦୀ, ଖଣ୍ଡଗିରୀ ଇତ୍ୟାଦି ବ୍ୟବହାର କରନ୍ତୁ । ଉପକୂଳିଆ ଲୁଣି ଅଞ୍ଚଳ ପାଇଁ ଲୁଣାସଂଖୀ କିସମ ବ୍ୟବହାର କରନ୍ତୁ । ଏଥିସହିତ ସଙ୍କର କିସମ ଧାନ ଯଥା ଅଜୟ, ରାଜଲକ୍ଷ୍ମୀ ମଧ୍ୟ ବ୍ୟବହାର କରିପାରିବେ । ସିଧା ବୁଣା କରିବା ପାଇଁ ନବୀନ, ଶତାବ୍ଦୀ, ଲଲାଟ, ଖଣ୍ଡଗିରୀ ଇତ୍ୟାଦି ବ୍ୟବହାର କରନ୍ତୁ ।
- ରୁଆ ଧାନ ନିମନ୍ତେ ଏକ ଏକର ଅଧିକ ଅମଳକ୍ଷମ ଧାନ ପାଇଁ ୧୬ ରୁ ୧୮ କି.ଗ୍ରା. ଏବଂ ଶଙ୍କର କିସମ ନିମନ୍ତେ ୫ ରୁ ୬ କି.ଗ୍ରା. ପର୍ଯ୍ୟନ୍ତ ବିହନ ବ୍ୟବହାର କରନ୍ତୁ ।
- ସିଧା ସମତୁଲ ହୋଇଥିବା ତଳିଘରାରେ ବିହନକୁ ଗଜା କରି ଯଥାଶିଘ୍ର ବୁଣି ଦିଅନ୍ତୁ । ଶଙ୍କର କିସମ ଧାନ ପାଇଁ ପ୍ରତି ବର୍ଗମିଟରରେ ୨୦-୨୫ ଗ୍ରାମ୍ ହିସାବରେ ଗଜା ହୋଇଥିବା ଧାନ ବିହନ ବୁଣି ଦିଅନ୍ତୁ । ଏକ ଏକର ଜମିରେ ରୋଇବା ପାଇଁ ୩୦୦-୪୦୦ ବର୍ଗମିଟର ପର୍ଯ୍ୟନ୍ତ ତଳିଘରା ଆବଶ୍ୟକ ହୋଇଥାଏ ।
- ଗଜା ହୋଇଥିବା ଧାନ ବୁଣିବାର ୨ ରୁ ୩ ଦିନ ପରେ ହାଲୁକା ଭାବରେ ତଳି ଘରାରେ ପାଣି ମଡାଇ ଦିଅନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ହାଲୁକା ଭାବରେ ପାଣି ମଡାନ୍ତୁ ।
- ରୁଆ ଧାନ ଏବଂ କାଦୁଆ ସିଧା ବୁଣା ଧାନ ପାଇଁ ବିଲକୁ ଭଲଭାବରେ ଚାଷ କରି ପ୍ରସ୍ତୁତ କରନ୍ତୁ । ସେଥିରେ ଠିଆ ପାଣି ରଖି କାଦୁଅ କରି ଦିଅନ୍ତୁ ।

******